ଦି ଲ୍ୟାଣ୍ଡ ଆକ୍ୟୁଜିସନ ଅଫିସର

*ବନାମ*

ଶିବବାଇ ଏବଂ ଅନ୍ୟମାନେ

4 ଏପ୍ରିଲ, 1997

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894 ଧାରା 4(1), 11, 12(2) ଏବଂ 18(2) – ପରନ୍ତୁକ:*

*ଜମି ଅଧିଗ୍ରହଣ - ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଚାରାର୍ଥେ ପ୍ରେରଣ ଲୋଡିବା ପାଇଁ ହକଦାର ବ୍ୟକ୍ତି - ଧାରା 11 ଅନୁଯାୟୀ ଅନୁସନ୍ଧାନ ସମାପ୍ତ କରିବା - ସେହି ତାରିଖରେ ପ୍ରସ୍ତୁତ ଅଧିନିର୍ଣ୍ଣୟ - କ୍ଷତିପୂରଣ - ଉତ୍ତରଦାତା 1 ଏବଂ 2ଙ୍କ ଦ୍ୱାରା ଆଜ୍ଞାଦେଶ – ଯୁକ୍ତି ଯେ ସେମାନେ ପ୍ରତିବାଦରେ ଆବେଦନ ଦାଖଲ କରିଥିଲେ କିନ୍ତୁ କୌଣସି ବିଚାରାର୍ଥେ ପ୍ରେରଣ ଦିଆଯାଇ ନଥିଲା – ସୂଚନା ଜାରି କରାଯାଇଥିଲା କି ଏବଂ ଦାବିଦାରମାନଙ୍କୁ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା କି ତାହାର ଅନୁସନ୍ଧାନ - ତା'ପରେ ବିଚାରାର୍ଥେ ପ୍ରେରଣ ପ୍ରସ୍ତୁତ ହୋଇଥିଲା - ବିଚାରାର୍ଥେ ପ୍ରେରଣର ବାଦ ଦେବା ଲୋଡ଼ିଥିବା ଆବେଦନର ପ୍ରତ୍ୟାଖ୍ୟାନ - ଉତ୍ତରଦାତା 3 ଙ୍କୁ ପକ୍ଷଭୁକ୍ତ କରିବା ପାଇଁ କରାଯାଇଥିବା ଆବେଦନକୁ ଅନୁମତି - କ୍ଷତିପୂରଣକୁ ବୃଦ୍ଧି କରି ବିଚାରାର୍ଥେ ପ୍ରେରଣର ଉତ୍ତର ଦିଆଯାଇଛି - ଅପିଲ ଦ୍ୱାରା ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ କ୍ଷତିପୂରଣ ବୃଦ୍ଧି କରିଥିଲେ - ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ - ନିର୍ଣ୍ଣୟ କରାଯାଇଥିଲା - ଅଧିନିୟମର ଧାରା 12(2) ଅନୁଯାୟୀ ସୂଚନା  ସହିତ ଦାବିଦାରଙ୍କୁ ଅଧିନିର୍ଣ୍ଣୟ କିମ୍ବା ଏହାର ନକଲ ପ୍ରଦାନ କରାଯିବା ଆବଶ୍ୟକ ନୁହେଁ - ଯଦି ଅଧିନିର୍ଣ୍ଣୟ ପ୍ରଦାନ କରାଯିବାକୁ ଥିବା ତାରିଖରେ ପକ୍ଷମାନେ ଉପସ୍ଥିତ ନଥାନ୍ତି, ତେବେ ଜିଲ୍ଲାପାଳ ତାଙ୍କ ଅଧିନିର୍ଣ୍ଣୟ ବିଷୟରେ ତୁରନ୍ତ ସୂଚନା ଦେବେ - ଧାରା 18 (2) ର ପ୍ରାବଧାନ ଅନୁଯାୟୀ ସୂଚନା  ତାରିଖ ଠାରୁ ଏହି ସୀମାବଦ୍ଧତା ପ୍ରାରମ୍ଭ ହୋଇଥାଏ - ଅଧିନିର୍ଣ୍ଣୟର ତାରିଖ ଏବଂ କ୍ଷତିପୂରଣ ପ୍ରାପ୍ତିର ତାରିଖ ସଂଯୋଗବଶତଃ ସମାନ ତାରିଖ ଥିଲା - ଏହି ପରିସ୍ଥିତିରେ, ଏହା ଅନୁମାନ କରାଯିବା ଉଚିତ୍ ଯେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ତାରିଖରେ ସେମାନେ ଉପସ୍ଥିତ ଥିଲେ ଏବଂ ବିନା କୌଣସି ପ୍ରତିବାଦରେ କ୍ଷତିପୂରଣ ଗ୍ରହଣ କରାଯାଇଥିଲା - ଏହି ପରିସ୍ଥିତିରେ, ସେମାନେ କୌଣସି ବିଚାରାର୍ଥେ ପ୍ରେରଣ ମାଗିବା ପାଇଁ ହକଦାର ନୁହଁନ୍ତି - ଯେଉଁ ଦାବିଦାରମାନେ ପ୍ରତିବାଦରେ କ୍ଷତିପୂରଣ ଗ୍ରହଣ କରନ୍ତି ଏବଂ ଯେଉଁମାନେ ଧାରା 18(1)*

*ଅନୁଯାୟୀ ଆବେଦନ କରନ୍ତି, ସେମାନେ କେବଳ ଏକ ବିଚାରାର୍ଥେ ପ୍ରେରଣ ମାଗିବା ପାଇଁ ହକଦାର ଅଟନ୍ତି -ତୃତୀୟ ପକ୍ଷ, ଯେଉଁମାନେ ପକ୍ଷଭୁକ୍ତ ହୋଇଛନ୍ତି, ସେମାନଙ୍କର ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ପ୍ରକ୍ରିୟାକୁ ଏଡ଼ାଇ ଯାଇ ଅଧିକ କ୍ଷତିପୂରଣ ଦାବି କରିବା କରିବାର କୌଣସି ଅଧିକାର ନାହିଁ, ଏହି ପରିସ୍ଥିତିରେ, ବିଚାରାର୍ଥେ ପ୍ରେରଣ ନିଜେ କୌଣସି ଅଧିକାରିତା ଏବଂ ତମାଦି ବିନା ଅଟେ ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3002/1997 ।

A.S. ସଂଖ୍ୟା 1052/1992ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର 15.4.94 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଜି. ପ୍ରଭାକର ।

ଉତ୍ତରଦାତାମାନଙ୍କ ପକ୍ଷରୁ ସି. ସୀତାରମୟା, ବିଜୟ କୁମାର ଏବଂ ଶ୍ରୀମତୀ ସଙ୍ଗୀତା କୁମାର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ A.S. ସଂଖ୍ୟା 1052/92 ରେ 15 ଏପ୍ରିଲ୍, 1994 ତାରିଖରେ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ଦ୍ୱାରା ପ୍ରଦାନ କରାଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ଜମି ଅଧିଗ୍ରହଣ ଅଧିନିୟମ, 1894 (ସଂକ୍ଷେପରେ, 'ଅଧିନିୟମ') ର ଧାରା 4(1) ଅନୁଯାୟୀ ସୂଚନା 19 ଅଗଷ୍ଟ, 1965 ରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ଶ୍ରୀରାମ ସାଗର ପ୍ରକଳ୍ପ ବୁଡ଼ିଯିବା କାରଣରୁ ଅନେକ ଗ୍ରାମରେ ଅନ୍ତର୍ଭୁକ୍ତ ଜମିର ବୃହତ ଅଂଶ ଅଧିଗ୍ରହଣ କରାଯାଇଥିଲା । ପ୍ରଶ୍ନରେ ଥିବା ଉକ୍ତ ଜମିର 206 ଏକର 16 ଗୁଣ୍ଠ ପର୍ଯ୍ୟନ୍ତ ଜମି ନିଜାମାବାଦ ଜିଲ୍ଲାର ନଲ୍ଲୁର ଗ୍ରାମରେ ଅବସ୍ଥିତ ଅଟେ । 22 ନଭେମ୍ବର, 1965 ତାରିଖରେ ଏହାର ଦଖଲ ଗ୍ରହଣ କରାଯାଇଥିଲା । ଧାରା 11 ଅନୁଯାୟୀ ତଦନ୍ତ ଶେଷ ହେବା ପରେ, ସେହି ତାରିଖରେ ହିଁ

ଅଧିନିର୍ଣ୍ଣୟ ପ୍ରସ୍ତୁତ କରାଯାଇଥିଲା । ଶୁଖିଲା ଜମି ପାଇଁ ଏକର ପିଛା 400 ଟଙ୍କା ଏବଂ ଶୁଖିଲା କଳା କପା ଜମି ପାଇଁ ଏକର ପିଛା 430 ଟଙ୍କା ହାରରେ କ୍ଷତିପୂରଣ ଅଧିନିର୍ଣ୍ଣୟ ଏବଂ ପଇଠ କରାଯାଇଥିଲା । 1986 ରେ ଦୁଇ ଜଣ ବ୍ୟକ୍ତି, ଅର୍ଥାତ୍ ଉତ୍ତରଦାତା ସଂଖ୍ୟା 1 ଏବଂ 2 ଙ୍କ ଦ୍ୱାରା ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ଦାବି କରାଯାଇଥିଲା ଯେ ସେମାନେ ପ୍ରତିବାଦରେ ଏକ ଆବେଦନ ଦାଖଲ କରିଥିଲେ, କିନ୍ତୁ ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ପ୍ରସ୍ତୁତ କରାଯାଇନଥିଲା । ଏକ ତଦନ୍ତ ଯେ ଧାରା 12 (2) ଅନୁଯାୟୀ ସୂଚନା ଏବଂ ଅଧିନିର୍ଣ୍ଣୟ ସେତେବେଳେ ବିଦ୍ୟମାନ ଆଇନ ଅନୁଯାୟୀ ଦାବିଦାରଙ୍କୁ ଜାରି କରାଯାଇଥିଲା କି; ଯଦି ସୂଚନା  ପ୍ରଦାନ କରାଯାଇନଥିଲା, ତେବେ ବିଚାରାର୍ଥେ ପ୍ରେରଣର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୱାନ ଏକକ ବିଚାରପତି ନିର୍ଦ୍ଦେଶ ଦେଇଥିଲେ । ଆଜ୍ଞାଦେଶ ଆବେଦନରେ, ଏହା ସୁନିଶ୍ଚିତ କରାଯାଇଥିଲା । ଏହା ପରେ, O.P. ସଂଖ୍ୟା 198/90ରେ ବିଚାରାର୍ଥେ ପ୍ରେରଣ ପଠାଯାଇଥିଲା । ଏକ ଆବେଦନ, I. A. ସଂଖ୍ୟା 285/91, କୁ ଏହି ଆଧାରରେ ବିଚାରାର୍ଥେ ପ୍ରେରଣର ଛାଡ ପାଇଁ ଦାଖଲ କରାଯାଇଥିଲା ଯେ ଏହା ଜମି ଅଧିଗ୍ରହଣ ଅଧିକାରୀଙ୍କ ଲୁକ୍କାୟିତ ମନ୍ତ୍ରଣା ଦ୍ୱାରା ପ୍ରବଞ୍ଚନାପୂର୍ବକ ପ୍ରାପ୍ତ ହୋଇଥିଲା ଏବଂ ତମାଦି କରାଯାଇଥିଲା । ଅତିରିକ୍ତ ଜିଲ୍ଲା ବିଚାରପତି 23 ଅକ୍ଟୋବର, 1991 ତାରିଖର ଆଦେଶ ଦ୍ୱାରା ଏହି ଆବେଦନକୁ ଖାରଜ କରିଦେଇଥିଲେ । ଉତ୍ତରଦାତା 3 ରୁ 103 ସଂଖ୍ୟା ବିଶିଷ୍ଟ ଅନ୍ୟ ବ୍ୟକ୍ତିମାନଙ୍କୁ ପକ୍ଷଭୁକ୍ତ କରିବା ପାଇଁ ଏକ I. A. ଦାଖଲ କରାଯାଇଥିଲା ଏବଂ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ଉକ୍ତ ଆବେଦନକୁ ଅନୁମତି ପ୍ରଦାନ କରାଯାଇଥିଲା । ଏହାକୁ ଆଧାର କରି, କ୍ଷତିପୂରଣ ପରିମାଣ ଏକର ପିଛା 3,000 ରୁ 2,000 ମଧ୍ୟରେ ବୃଦ୍ଧି କରି ବିଚାରାର୍ଥେ ପ୍ରେରଣର ଉତ୍ତର ଦିଆଯାଇଥିଲା । ଅପିଲ ଉପରେ, ଆକ୍ଷେପିତ ରାୟରେ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ବର୍ଦ୍ଧିତ କ୍ଷତିପୂରଣକୁ ସୁନିଶ୍ଚିତ କରିଛନ୍ତି । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଯେତେବେଳେ ଏହି ମାମଲା ଆମ ନିକଟକୁ ଆସିଥିଲା, ଆମେ ରାଜ୍ୟ ପକ୍ଷର ଓକିଲଙ୍କୁ ପ୍ରାପ୍ତିସୂଚକ ରେଜିଷ୍ଟର ଉପସ୍ଥାପନ କରିବାକୁ ବିଜ୍ଞପ୍ତି ଜାରି କରିଥିଲୁ ।ତଦନୁସାରେ, ପ୍ରାପ୍ତିସୂଚକ ରେଜିଷ୍ଟରଗୁଡ଼ିକ ଉପସ୍ଥାପନ କରାଯାଇଛି ଯାହା ପ୍ରମାଣିତ କରେ ଯେ ଯେଉଁ ଦିନ ଅଧିନିର୍ଣ୍ଣୟ ପାରିତ ହେବାକୁ ଆସିଥିଲା, ସେହି ଦିନ ଦାବିଦାରମାନେ ଉପସ୍ଥିତ ଥିଲେ ଏବଂ 25 ନଭେମ୍ବର, 1965 ରେ ବିନା ପ୍ରତିବାଦରେ ସେମାନଙ୍କ ଦ୍ୱାରା ରାଶି ଗ୍ରହଣ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ, ଯେଉଁମାନେ ସେହି ଦିନ ଉପସ୍ଥିତ ନଥିଲେ, ଦୁଇ ଦିନ ପରେ, ଅର୍ଥାତ୍ 27 ନଭେମ୍ବର, 1965 ତାରିଖରେ କ୍ଷତିପୂରଣ ପାଇଥିଲେ । ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯେ

ଅଧିନିର୍ଣ୍ଣୟ ପ୍ରଦାନ ତାରିଖ ଠାରୁ ଦୁଇ ମାସ ମଧ୍ୟରେ ବିଚାରାର୍ଥେ ପ୍ରେରଣ ଆବେଦନ କରାଯାଇଥିଲା କି ?

ଧାରା 18 ର ଉପ-ଧାରା (2) ର ପ୍ରାବଧାନ ଏହିପରି କହିଥାଏ:

> "(2) କେଉଁ ଆଧାରରେ ଅଧିନିର୍ଣ୍ଣୟ ଉପରେ ଆପତ୍ତି ଉଠାଯାଇଥିଲା ତାହା ଆବେଦନରେ ଉଲ୍ଲେଖ କରାଯିବ:
>
> ଉଲ୍ଲେଖଥାଉକି, ଏପରି ପ୍ରତ୍ୟେକ ଆବେଦନ କରାଯିବ,
>
> (a) ଯଦି ଏହାକୁ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥିତ ଥିଲେ କିମ୍ବା ପ୍ରତିନିଧିତ୍ୱ କରିଥିଲେ ଯେତେବେଳେ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ତାରିଖ ଠାରୁ ଛଅ ସପ୍ତାହ ମଧ୍ୟରେ, ସେ ତାଙ୍କ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ;
>
> (b) ଅନ୍ୟ ମାମଲାରେ, ଧାରା 12, ଉପ-ଧାରା (2) ଅନୁଯାୟୀ ଜିଲ୍ଲାପାଳଙ୍କ ଠାରୁ ସୂଚନା ପ୍ରାପ୍ତିର ଛଅ ସପ୍ତାହ ମଧ୍ୟରେ, କିମ୍ବା ଜିଲାପାଳଙ୍କ ଅଧିନିର୍ଣ୍ଣୟ ତାରିଖ ଠାରୁ ଛଅ ମାସ ମଧ୍ୟରେ, ଯେଉଁ ଅବଧି ପ୍ରଥମେ ସମାପ୍ତ ହେବ ।"

ତେଣୁ ଏହା ଦେଖିବାକୁ ମିଳିଥିଲା ଯେ ଯେତେବେଳେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ସମୟରେ ପକ୍ଷମାନେ ଉପସ୍ଥିତ ଥିଲେ, ଧାରା 18ର ଉପ-ଧାରା (2) ର ପ୍ରାବଧାନର ଖଣ୍ଡ (b) ଅନୁଯାୟୀ ସୂଚନା ର ଆବଶ୍ୟକତା ନଥିଲା । ଫଳସ୍ୱରୂପ, ଅଧିନିର୍ଣ୍ଣୟ ତାରିଖ ଠାରୁ ଛଅ ସପ୍ତାହ ମଧ୍ୟରେ ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ପାଇଁ ଏକ ଆବେଦନ କରିବାକୁ ପଡିବ । ଯଦି ଧାରା 31 ର ଉପ-ଧାରା (2) ର ଦ୍ୱିତୀୟ ପ୍ରାବଧାନ କାର୍ଯ୍ୟକାରୀ ହେବା ଦ୍ୱାରା ବିନା ପ୍ରତିବାଦରେ ରାଶି ଗ୍ରହଣ କରାଯାଏ, ତେବେ ଏପରି ବ୍ୟକ୍ତି ଯିଏ ବିନା ପ୍ରତିବାଦରେ ରାଶି ଗ୍ରହଣ କରିଛନ୍ତି ଧାରା 18 ଅନୁଯାୟୀ ଏକ ବିଚାରାର୍ଥେ ପ୍ରେରଣ ଲୋଡ଼ିବା ପାଇଁ ହକଦାର ନୁହଁନ୍ତି ।

ଉତ୍ତରଦାତାମାନଙ୍କ ପକ୍ଷରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା, ଶ୍ରୀ ସି. ସୀତାରମୟା ଯୁକ୍ତି ବାଢ଼ିଛନ୍ତି ଯେ ଏହି ମାମଲାର ତଦନ୍ତ କରିବା ପାଇଁ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠଙ୍କ ନିର୍ଦ୍ଦେଶରେ ଜମି ଅଧିଗ୍ରହଣ ଅଧିକାରୀ ନିଜେ ଏହି ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି । ଧାରା 12 ର

ଉପଧାରା (2) ଅନୁଯାୟୀ ଅଧିନିର୍ଣ୍ଣୟର ସୂଚନା ପ୍ରଦାନ କରିବାର ପ୍ରମାଣ ନଥିଲେ, ତମାଦି ଆରମ୍ଭ ହୁଏ ନାହିଁ । ଆମେ ବିଜ୍ଞ ଅଧିବକ୍ତାଙ୍କ ସହ ସହମତ ହୋଇପାରିନାହୁଁ । ବର୍ତ୍ତମାନ ଏହା ସ୍ଥିରୀକୃତ ଆଇନ ଯେ ଅଧିନିୟମର ଧାରା 12(2) ଅନୁଯାୟୀ ସୂଚନା  ସହିତ ଦାବିଦାରଙ୍କୁ ଅଧିନିର୍ଣ୍ଣୟ କିମ୍ବା ଏହାର ନକଲ ପ୍ରଦାନ କରାଯିବା ଆବଶ୍ୟକ ନୁହେଁ । ଯଦି ଅଧିନିର୍ଣ୍ଣୟ ପ୍ରଦାନ କରାଯିବାକୁ ଥିବା ତାରିଖରେ ପକ୍ଷମାନେ ଉପସ୍ଥିତ ନଥାନ୍ତି, ତେବେ ଜିଲ୍ଲାପାଳ/ଜମି ଅଧିଗ୍ରହଣ ଅଧିକାରୀ ତାଙ୍କ ଅଧିନିର୍ଣ୍ଣୟ ବିଷୟରେ ତୁରନ୍ତ ସୂଚନା ପ୍ରଦାନ କରିବେ । ଧାରା 18(2) ର ପ୍ରାବଧାନ ଅନୁଯାୟୀ ସୂଚନା  ଜାରି ହେବା ତାରିଖଠାରୁ ଏହି ସୀମାବଦ୍ଧତା ଆରମ୍ଭ ହୋଇଥାଏ । ଅଧିନିର୍ଣ୍ଣୟର ତାରିଖ ଏବଂ କ୍ଷତିପୂରଣ ପ୍ରାପ୍ତିର ତାରିଖ ସଂଯୋଗବଶତଃ ସମାନ ଥିଲା । ଏହି ପରିସ୍ଥିତିରେ, ଏହା ଅନୁମାନ କରାଯିବା ଉଚିତ୍ ଯେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ତାରିଖରେ ସେମାନେ ଉପସ୍ଥିତ ଥିଲେ ଏବଂ ବିନା କୌଣସି ପ୍ରତିବାଦରେ କ୍ଷତିପୂରଣ ଗ୍ରହଣ କରାଯାଇଥିଲା । ଏହି ପରିସ୍ଥିତିରେ, ସେମାନେ କୌଣସି ବିଚାରାର୍ଥେ ପ୍ରେରଣ ଲୋଡ଼ିବା ପାଇଁ ହକଦାର ନୁହଁନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ ବିଚାରାର୍ଥେ ପ୍ରେରଣ ଆବଶ୍ୟକ କରି ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କେବଳ ଯାଞ୍ଚ ଉପରେ ବିଚାରାର୍ଥେ ପ୍ରେରଣ ପ୍ରଦାନ କରିବା ଏବଂ ସଠିକ୍ ତଥ୍ୟଗତ ସ୍ଥିତି ଖୋଜିବା ପାଇଁ ଥିଲା । ଅଧିକାରୀ ଜଣକ ନିଜେ ଦାବିଦାରମାନଙ୍କ ସହ ମିଶିଥିଲେ ଏବଂ କୌଣସି ତଦନ୍ତ ନକରି ସେ ଏହି ବିଚାରାର୍ଥେ ପ୍ରେରଣ ପ୍ରସ୍ତୁତ କରିଥିଲେ । ପରବର୍ତ୍ତୀ ସମୟରେ, କିଛି ଲୋକଙ୍କୁ ଏହି ବିଚାରାର୍ଥେ ପ୍ରେରଣରେ ପକ୍ଷଭୁକ୍ତ କରାଯାଇଥିଲା । ଏହା ହିଁ ସୂଚାଇ ଦେଉଛି ଯେ ସବୁକିଛି ଠିକ୍ ନଥିଲା । ବର୍ତ୍ତମାନ ଆଇନରେ ଏହା ସ୍ଥିରୀକୃତ ସ୍ଥିତି ହୋଇଛି ଯେ ଯେଉଁ ଦାବିଦାରମାନେ ପ୍ରତିବାଦରେ କ୍ଷତିପୂରଣ ଗ୍ରହଣ କରନ୍ତି ଏବଂ ଯେଉଁମାନେ ଧାରା 18(1) ଅନୁଯାୟୀ ଆବେଦନ କରନ୍ତି, ସେମାନେ କେବଳ ଏକ ବିଚାରାର୍ଥେ ପ୍ରେରଣ ମାଗିବା ପାଇଁ ହକଦାର ଅଟନ୍ତି; ତୃତୀୟ ପକ୍ଷ, ଯେଉଁମାନେ ପକ୍ଷଭୁକ୍ତ ହୋଇଛନ୍ତି, ସେମାନଙ୍କର ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ପ୍ରକ୍ରିୟାକୁ ଏଡ଼ାଇ ଯାଇ ଅଧିକ କ୍ଷତିପୂରଣ ଦାବି କରିବା କରିବାର କୌଣସି ଅଧିକାର ନାହିଁ । ଏହି ପରିସ୍ଥିତିରେ, ବିଚାରାର୍ଥେ ପ୍ରେରଣ ନିଜେ କୌଣସି ଅଧିକାରିତା ଏବଂ ତମାଦି ବିନା ଅଟେ । ଏହାଦ୍ୱାରା, ବିଚାରାର୍ଥେ ପ୍ରେରଣ ଅଦାଲତଙ୍କ ଅଧିନିର୍ଣ୍ଣୟ ସ୍ପଷ୍ଟ ଭାବରେ ବେଆଇନ ଅଟେ । ଅପିଲ ଉପରେ, ଉଚ୍ଚ ନ୍ୟାୟାଳୟ ଏହି ସମସ୍ତ ଦୃଷ୍ଟିକୋଣକୁ ବିଚାର କରିନାହାନ୍ତି ଏବଂ ଦେୱାନୀ ନ୍ୟାୟାଳୟର ଅଧିନିର୍ଣ୍ଣୟକୁ ବଜାୟ ରଖିବା ପାଇଁ ଅନ୍ୟ ଏକ ରାୟ ଉପରେ ନିର୍ଭର କରିବା ସୁବିଧାଜନକ ବୋଲି ବିବେଚନା କରିଛନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ପ୍ରଦାନ କରାଗଲା । ବିଚାରାର୍ଥେ ପ୍ରେରଣ ଅଦାଲତ ତଥା ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଅଧିନିର୍ଣ୍ଣୟକୁ ବାତିଲ କରିଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ